## ୨ ଟନ୍ ଚୋରା କୋଇଲା ଜବତ

ସାବରଙ୍ଗ,୨୫।୨(କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ସୋମବାର ରାତିରେ ବାଲିବିଲ ରେଲୱେ ଟ୍ରାକ୍ ନିକଟରୁ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ସୂଚନା ଅନୁଯାୟୀ, ସେରପୁର ଅଞ୍ଚଳରୁ ଗାଡ଼ି (ଓଡି ୨୨ଏକ୍ସ ୬୮୯୯) ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସାବରଙ୍ଗ ପୋଲିସ ଏସ୍‌ଆଇ ରବୀନ୍ଦ୍ର ସିଂ, କମଳାକାନ୍ତ ନାୟକ, ହାବିଲଦାର ସୁଶାନ୍ତ ମହାପାତ୍ର, ବିନୋଦ ମୁଷ୍ଟି ପ୍ରମୁଖ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲେ। ଗାଡ଼ିରେ ୨ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଥିଲା।

## ଶତାୟୁ ପୂଜକଙ୍କ ପରଲୋକ

ଭଦ୍ରକ,୨୫।୨(ରବିନାରାୟଣ ଖିଲାର)

ଭଦ୍ରକର ମା' କୁଣ୍ଡିକାଳୀଙ୍କ ପୂଜକ ଉପେନ୍ଦ୍ର ପ୍ରସାଦ ବହଳୀ(୧୦୦)ଙ୍କ ମଙ୍ଗଳବାର ସକାଳ ୭ଟା ବେଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ପୁଅ ବନମାଳୀ ବହଳୀ, ମୁକ୍ତିକାନ୍ତ ବହଳୀ, ପ୍ରମୋଦ ବହଳୀ ଓ ପରିବାର ବର୍ଗଙ୍କ ସମେତ ବହୁ ବୁଦ୍ଧିଜୀବୀ ପହଞ୍ଚି ମରଶରୀରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତାଙ୍କ ଗ୍ରାମ ଭଦ୍ରକ ବ୍ଲକର ମାଳିଅରୁଆ ସହ ୫ ଗାଁରେ ଶୋଭାଯାତ୍ରା ପରେ ଶେଷକୃତ୍ୟ କରାଯାଇଥିଲା।

# ଅବରୋଧମୁକ୍ତ ହୋଇପାରିଲାନି ତିହିଡ଼ି ବଜାର

**ମାପଚୁପକୁ ମାସେ ବିତିଲାଣି**

- ବଢୁଛି ଡ୍ରେନେଜ, ଟ୍ରାଫିକ୍ ସମସ୍ୟା
- ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରୁନି

ତିହିଡ଼ି,୨୫।୨(ସଞ୍ଜିତ ବଳ)

ତିହିଡ଼ି ବଜାରରେ ପ୍ରଶାସନ ପକ୍ଷରୁ ହୋଇଥିବା ମାପଚୁପକୁ ମାସେ ବିତିଗଲାଣି। ମାତ୍ର ଅଦ୍ୟାବଧି ଏହି ବଜାର ଅବରୋଧମୁକ୍ତ ହୋଇପାରି ନାହିଁ। ବଜାର ଅବରୋଧମୁକ୍ତ ହେବ କି ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହା ପ୍ରଶାସନର ନିଷ୍କ୍ରିୟତାକୁ ପ୍ରମାଣିତ କରିଛି। ଏହି ବଜାର ଅବରୋଧମୁକ୍ତ ନ ହେବା ଫଳରେ ପୂର୍ବରୁ ଥିବା ବିଭିନ୍ନ ସମସ୍ୟା ଗୁରୁତର ହେଉଥିବା ବେଳେ ଉନ୍ନୟନ ମଧ୍ୟ ବାଧାପ୍ରାପ୍ତ ହେଉଛି। ଅବରୋଧ ଯୋଗୁ ଡ୍ରେନେଜ ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ବଜାରର ଉଭୟ ପାର୍ଶ୍ୱରେ ସରକାରୀ ଜାଗା ଜବରଦଖଲ କରି କେତେକ ଦୋକାନୀ ଦୀର୍ଘବର୍ଷ ହେଲା ବ୍ୟବସାୟ ଚଳାଇଛନ୍ତି। କିଛିବର୍ଷ ପୂର୍ବେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ଦୋକାନ ସବୁକୁ ଉଚ୍ଛେଦ କରାଯାଇଥିଲା। ଖାଙ୍କିହାଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା ପରେ ଉଚ୍ଛେଦ ହୋଇଥିବା କିଛି ଦୋକାନୀଙ୍କୁ ସେଠାରେ ମଧ୍ୟ ଥଇଥାନ କରାଯାଇଥିଲା। ତେବେ ଉଚ୍ଛେଦ ହୋଇଥିବା କେତେକ ଦୋକାନୀ ପୁନର୍ବାର ରାସ୍ତାପାର୍ଶ୍ୱକୁ ଜବରଦଖଲ କରି ଦୋକାନ ଖୋଲିଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେବା ସହ ସାମାନ୍ୟ ବର୍ଷାରେ ବଜାର ଜଳାର୍ଣ୍ଣବ ହେଉଛି। ଅପରପକ୍ଷେ ଅନୁଦାନ ଥାଇ ବି ଏଠାରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇ ନ ପାରିବା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କିଛିମାସ ପୂର୍ବେ ପ୍ରଶାସନ ପକ୍ଷରୁ ଜାଗା ଖାଲି କରିବାକୁ ଦୋକାନୀମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପ୍ରଶାସନର ଏହି ନିର୍ଦ୍ଦେଶକୁ ଦୋକାନୀମାନେ ବେଖାତିର କରିଥିଲେ। ଗତମାସ ୨୧ ତାରିଖରେ ପ୍ରଶାସନ ପକ୍ଷରୁ ତିହିଡ଼ି ବଜାରରେ ମାପଚୁପ କରାଯିବାରୁ ଜବରଦଖଲ କରି ଖୋଲାଯାଇଥିବା ଦୋକାନଗୁଡ଼ିକ ଉଚ୍ଛେଦ ହେବା ନେଇ ଲୋକେ ଆଶାବାଦୀ ହୋଇଥିଲେ। ଏପରିକି ପୋଲିସ ପକ୍ଷରୁ ଜବରଦଖଲକାରୀ ଦୋକାନୀମାନଙ୍କ ନାଁ ମଧ୍ୟ ତାଲିକା କରାଯାଇଥିଲା। ଏହାସତ୍ତ୍ୱେ ଏହି ବଜାର ଅବରୋଧମୁକ୍ତ ହୋଇପାରି ନାହିଁ। ତିହିଡ଼ି ଜଣେ ମନ୍ତ୍ରୀ ଓ ୨ଜଣ ବିଧାୟକଙ୍କ ସହଭାଗୀ ହୋଇ ବି ଉପେକ୍ଷିତ ହୋଇ ରହିବା ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହୋଇଛି।


ରାସ୍ତାପାର୍ଶ୍ୱ ସରକାରୀ ଜାଗା ଅବରୋଧ କରିଥିବା ଦୋକାନ।

## ଘରେ ପଶି ଶାଶୁ, ବୋହୂଙ୍କୁ ହାଣିଲେ ଦୁର୍ବୃତ୍ତ

**ବଡ଼ବୋହୂ ମୃତ**

ଭଣ୍ଡାରିପୋଖରୀ, ୨୫।୨(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଦେଓପଦା(ମେଘା) ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଦୁର୍ବୃତ୍ତ ଏକ ଘରେ ପଶି ୩ ମହିଳାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ବଡ଼ବୋହୂଙ୍କ ମୃତ୍ୟୁ ଘଟିଥିବା ବେଳେ ସାନବୋହୂ ଓ ଶାଶୁ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ଗ୍ରାମର ଝୁନୁଲତା ସାହୁ(୨୮)। ତାଙ୍କ ଶାଶୁ କନକଲତା ସାହୁ(୫୫) ଓ ସାନଯାଆ ସସ୍ମିତା ସାହୁ(୨୭) ଗୁରୁତର ଅଛନ୍ତି। ସସ୍ମିତା ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ କନକଲତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ।

## ତହସିଲରେ ଦଲାଲରାଜ୍

ଭଣ୍ଡାରିପୋଖରୀ,୨୫।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ତହସିଲରେ ଦଲାଲରାଜ୍। ୧୫ବର୍ଷ ଧରି ତହସିଲରେ ରାଜୁତି କରୁଥିବା ଜଣେ ଡାଟାଏଣ୍ଟ୍ରି ଅପରେଟର ଦଲାଲମାନଙ୍କ ଇଙ୍ଗିତରେ ସାଧାରଣ ଲୋକଙ୍କ ଜମିଜମା ରେକର୍ଡ ଅଦଳବଦଳ କରିବା ଓ ଏହାର ସଂଶୋଧନ ପାଇଁ ଦଲାଲଙ୍କ ମାଧ୍ୟମରେ ବିପୁଳ ଅର୍ଥ ଦାବି କରୁଥିବା ନେଇ ତାଙ୍କ ବିରୋଧରେ ବହୁବାର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଘଟଣା କ୍ରମରେ ଅମିୟ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଉପରେ ଅନୁଧ୍ୟାନ କରି ତହସିଲଦାର ସରୋଜକାନ୍ତ ନାୟକ ୨୦୨୪ ଅଗଷ୍ଟ ୨୮ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୪୫୪ ଯୋଗେ ସମ୍ପୃକ୍ତ ଡାଟାଏଣ୍ଟ୍ରି ଅପରେଟରଙ୍କ ଉତ୍କୋଚ ଗ୍ରହଣ ଅଭ୍ୟାସର ସତ୍ୟତା ରହିଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଜିଲା ପ୍ରଶାସନକୁ ଲେଖି ଦେଇଥିଲେ। ମାତ୍ର ପରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ଉକ୍ତ ଅସ୍ଥାୟୀ ଆଉଟସୋର୍ସିଂ କର୍ମଚାରୀଙ୍କ ଦୌରାତ୍ମ୍ୟ ସୀମା ଲଙ୍ଘିଛି।

ଗତ ଜାନୁଆରୀ ୩୧ରେ ଜଣେ ବ୍ୟକ୍ତିଙ୍କ ଜମି କ୍ରୟ ପରେ ତହସିଲରେ ନାମଜାରି ମାମଲା (ନଂ.୧୭୬/୨୦୨୫) କରାଯାଇଥିବା ଫେବୃଆରୀ ୪ରେ କ୍ରୟ କରିଥିବା ବ୍ୟକ୍ତିଙ୍କ ମୋବାଇଲକୁ ମେସେଜ୍ ଆସିଥିଲା। ଏହି ନାମଜାରି କେସ୍‌ରେ ଭୂଲେଖ ସଂଶୋଧନ କରାଯାଇଛି ବୋଲି ୭ ତାରିଖରେ ମେସେଜ୍ ଆସିଥିଲା। ଶେଷରେ ସ୍ପିଡ୍‌ପୋଷ୍ଟ ନଂ. ଇଓ୭୧୯୫୬୯୩୮୦ଆଇଏନ୍ ଯୋଗେ ଜମିପଟ୍ଟା ପଠାଇ ଦିଆଗଲା ବୋଲି ଫେବୃଆରୀ ୧୧ରେ ବ୍ୟକ୍ତି ଜଣକ ମେସେଜ୍ ପାଇଥିଲେ। ମାତ୍ର ଏଭଳି କୌଣସି ଡାକ ତହସିଲରୁ ପଠାଯାଇ ନ ଥିବା ୧୬ ତାରିଖରେ ତନଖିରୁ ଜଣାପଡ଼ିଥିଲା। ଏଭଳି ବାର୍ତ୍ତା ପ୍ରେରଣ ଗତାନୁଗତିକ ଓ ଏହାକୁ ଗୁରୁତ୍ୱ ନ ଦେବାକୁ ତହସିଲର ଡାଟାଏଣ୍ଟ୍ରି ଅପରେଟର କକ୍ଷ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ଏକ ସପ୍ତାହ ପରେ ଆସିଲେ ଜମିପଟ୍ଟା ଦିଆଯିବ ବୋଲି କୁହାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକଙ୍କ ଦୃଷ୍ଟିକୁ ଆଣିବା ପରେ ୨୪ ତାରିଖରେ ପୁନର୍ବାର ଜମିପଟ୍ଟା ପ୍ରସ୍ତୁତ କରାଯାଇ ଜମି କ୍ରୟକାରୀଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ପ୍ରସ୍ତୁତ ଜମିପଟ୍ଟା ଗାଏବ ହୋଇଯାଇଥିଲା ବୋଲି ରେକର୍ଡ ରୁମ୍ ଦାୟିତ୍ୱରେ ଥିବା ଖୋଦ୍ ଅତିରିକ୍ତ ତହସିଲଦାର ମଲ୍ଲିକ ସ୍ୱୀକାର କରିଥିଲେ। ତହସିଲର ଏଭଳି ସେବାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଜିଲା ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ତହସିଲଦାର ରଜନୀକାନ୍ତ ନାୟକଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜିଲା ପରିଷଦ ସଭ୍ୟଙ୍କ ଭିଡିଓ ଭାଇରାଲ | ବର୍ଷିଲା ଭାଜପା

ଚାନ୍ଦବାଲି,୨୫।୨(କିଷାନ ପାତ୍ର)

ଭଦ୍ରକ ଜିଲାର ଜଣେ ବିଜେଡି ଜିଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧିଙ୍କ ସହ ଜଣେ ମହିଳାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାକୁ ନେଇ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅରଣ୍ୟ ନିବାସ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ ବିଧାୟକ ଓ ବିଜେଡି ବିରୋଧରେ ବର୍ଷିଛନ୍ତି। ଯଦି ବିଜେଡିର ସାହସ ଅଛି, ତେବେ ୨୪ ଘଣ୍ଟା ଭିତରେ ଉକ୍ତ ଜିଲା ପରିଷଦ ସଭ୍ୟଙ୍କୁ ଦଳରୁ ନିଲମ୍ବନ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଭାଜପା ଯୁବନେତା ସୁଶାନ୍ତ ମହାନ୍ତି ଓ ଚନ୍ଦନ ବଳ କହିଥିଲେ। ଏହାଦ୍ୱାରା ଚାନ୍ଦବାଲିର ଛବି ସାରା ରାଜ୍ୟରେ ମଳିନ ହୋଇଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ସେମାନେ ନିବେଦନ କରିଥିଲେ। ପାରିଷଦ ଚନ୍ଦନ ରାଉତ, ଶୀତ ମହାଳିକ, ଅଭୟ ବଳ, ଅର୍ଜିତ ପଣ୍ଡା, ଅନୁପ ଜେନା, ବିଜୟ କୁମାର ବେହେରା, ଉଦୟ କେତନ ବିଶ୍ୱାଳ, ବିଜୟ କୁମାର ପାଢ଼ୀ, କିଶ୍ୱର ଦାସ, ନାରୀନେତ୍ରୀ ଅଞ୍ଜନା ମହଲା, ସସ୍ମିତା ଦାସ, ସମିନା ପରବିନ ପ୍ରମୁଖ ବିଜେଡି ବିରୋଧରେ ବର୍ଷିଥିଲେ।

# ଓଡ଼ିଶାର ଲୋକଙ୍କୁ ସମୃଦ୍ଧ କରିବ ଏଥର ବଜେଟ: ଉପମୁଖ୍ୟମନ୍ତ୍ରୀ


ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଭାଜପା ନେତା।

ଭଦ୍ରକ,୨୫।୨(ସନାତନ ରାଉତ)

୨୦୨୫-୨୬ ବଜେଟ୍ ଓଡ଼ିଶାର ଲୋକଙ୍କୁ ସମୃଦ୍ଧ କରିବ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ଏହା ଦୂରଦର୍ଶୀ ଲୋକାଭିମୁଖୀ ବଜେଟ୍। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶାକୁ ଏହି ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଭଦ୍ରକ ନୂଆ ସର୍କିଟ୍ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି ଯେ, ଗତ ୨୦୧୪-୧୫ରେ ୧୬ ଲକ୍ଷ କୋଟିର ବଜେଟ୍ ଉପସ୍ଥାପନ କରାଯାଇଥିବା ବେଳେ ଏବେର ବଜେଟ୍ ୫୬ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି। ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏହି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ବଜେଟ୍‌ରେ କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ, ମହିଳା ସଶକ୍ତୀକରଣ ଆଦି ସବୁ ଦିଗକୁ ଗୁରୁତ୍ୱ ଦିଆଯାଇଛି। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩୦ ହଜାର କୋଟି, ସୁଭଦ୍ରା ସୁରକ୍ଷା ଯୋଜନାରେ ୧୫୩ କୋଟି, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ୫୦ କୋଟି, କୃଷକ ସମୃଦ୍ଧି ନିମନ୍ତେ ୬୦ ହଜାର କୋଟି, ମଡେଲ ମଣ୍ଡି ପାଇଁ ୫୦ ହଜାର କୋଟି ଟଙ୍କାର ବ୍ୟବସ୍ଥା ଏହି ବଜେଟ୍‌ରେ କରାଯାଇଛି। ସେହିପରି ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୨ ହଜାର କୋଟି, ପ୍ରତି ଗାଁରେ ଅଟଳ ବସ୍‌ଷ୍ଟାଣ୍ଡ ଲାଗି ୧୨୬୬ କୋଟି ଓ ୧୪୫ ଶିଳ୍ପ ପ୍ରକଳ୍ପ ନିମନ୍ତେ ୮ଶହ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନର ଅଭିବୃଦ୍ଧି କ୍ଷେତ୍ରରେ ଭଦ୍ରକ ଜିଲା ଗୋହିରାଟିକିରିର ଉନ୍ନତୀକରଣ ଓ ଭଦ୍ରକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବଜେଟ୍‌ରେ ସ୍ଥାନ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ କହିଥିଲେ, ଗରିବ କୃଷି, ଯୁବକ ଓ ନାରୀଶକ୍ତିକୁ ବଜେଟ୍‌ରେ ଅଧିକ ଗୁରୁତ୍ୱ ଦିଆଯାଇଛି। କୃଷକଙ୍କ ଆୟ ୨ଗୁଣ କରାଯିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାଜପାର ଜିଲା ସଭାପତି ଭଗବାନ ପଣ୍ଡା, ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ନେତା ଡ. ସୁଧାଂଶୁ ଶେଖର ନାୟକ, ବାସୁଦେବପୁର ବିଧାନସଭା କ୍ଷେତ୍ର ନେତା ବାଣୀକଲ୍ୟାଣ ମହାନ୍ତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ମଦ୍ରାସା ଜାମିଆ ସାଦିକିଆର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଅନୁଷ୍ଠିତ ଧର୍ମସଭା।

ଭଦ୍ରକ,୨୫।୨(ସନାତନ ରାଉତ)

ଭଦ୍ରକ ଆର୍‌ଏମ୍‌ସି ରୋଡ୍‌ସ୍ଥିତ ଗୌସିଆ ନଗରଠାରେ ମଦ୍ରାସା ଜାମିଆ ସାଦିକିଆ ହବିବିୟାର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ସନ୍ଧ୍ୟାରେ ଜସନେ ଦସ୍ତାରବନ୍ଦୀ ଉତ୍ସବ ହୋଇଥିଲା। ମଦ୍ରାସାର ଛାତ୍ର ହାଫିଜେ-କୁରାନରୁ ଉତ୍ତୀର୍ଣ୍ଣ ହୋଇଥିବା ସୋରସ୍ଥିତ ପଠାନ ମହଲ୍ଲା ନିବାସୀ ହାଫିଜ ଜାଫର ଖାନ୍‌ଙ୍କୁ ସାର୍ଟିଫିକେଟ୍ ସହ ମୁଣ୍ଡରେ ପଗଡ଼ି ବାନ୍ଧି ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ରାତି ୮ଟାରେ ଲଙ୍ଗର (ପ୍ରସାଦ) ବଣ୍ଟନ କରାଯାଇଥିଲା। ରାତି ୯ଟାରେ ଏକ ଧର୍ମସଭା ଆୟୋଜନ କରାଯାଇଥିଲା। କମିଟି ସମ୍ପାଦକ ମୌଲାନା ମହମ୍ମଦ ଗୋଲାମ ସାଦିକ ହବିବଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ହାଫିଜ ଓକାରୀ ବୋଗଦାଦ ହୋସେନ ସଞ୍ଚାଳନ କରିଥିଲେ। ବରେଲିରୁ ମୌଲାନା କାରୀ ଜିକରୁଲ୍ଲା ସାହେବ, ଜଳେଶ୍ୱରରୁ ମୁଫତି ଇସ୍ରାଫିଲ ରଜା ଆଲିମି, କବି ମୈକସ ଜିଆଲ (କୋଲକାତା), କବି ଜମାଲୀ ସାହେବ (ଝାଡ଼ଖଣ୍ଡ), ସହେଜାଦ ଆଲାମ (ସମ୍ବଲପୁର) ପ୍ରମୁଖ ଯୋଗଦେଇ ଇସ୍‌ଲାମ ଧର୍ମର ନୀତିବାଣୀ ଓ ମଦ୍ରାସାରେ ପଢୁଥିବା ଛାତ୍ରଙ୍କ ବିଷୟରେ କହିଥିଲେ। ମୁଲ୍ଲା ମହମ୍ମଦ ଶହେବାଜ, ଆଲେ ରସୁଲ, ବସିର ଅହେମଦ, ମହମ୍ମଦ ଅଝର, ଅବଦୁଲ ଦୟାନ, ଶେଖ୍ ସଫିକ, ଶିରାଜ ଖାନ ପ୍ରମୁଖ ଦସ୍ତାରବନ୍ଦୀ ଉତ୍ସବକୁ ପରିଚାଳନା କରିଥିଲେ।

## ହୋହଲ୍ଲାରେ ସରିଲା ସ୍ୱତନ୍ତ୍ର ବୈଠକ


ବୈଠକରେ ଉପସ୍ଥିତ ବିଧାୟକ ଅଶୋକ କୁମାର ଦାସ ଓ ଅଧିକାରୀ।

ବାସୁଦେବପୁର,୨୫।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍‌ରେ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ହୋହାଲ୍ଲା ମଧ୍ୟରେ ଶେଷ ହୋଇଛି। ମଙ୍ଗଳବାର ଅପରାହ୍ନ ୩ଟା ୩୦ ମିନିଟ୍‌ରୁ ବୈଠକ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ସରିଥିଲା।

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସ୍ୱତନ୍ତ୍ର ଗ୍ରାମସଭା ଦ୍ୱାରା ପଞ୍ଚାୟତରୁ ୫ ବର୍ଷ ନିମନ୍ତେ ଆସିଥିବା ପ୍ରକଳ୍ପଗୁଡ଼ିକ କିପରି ଠିକ୍ ଭାବେ ପଞ୍ଜୀକୃତ ହୋଇ କାର୍ଯ୍ୟକାରୀ ହୋଇପାରିବ, ସେ ଦିଗରେ ଆଲୋଚନା ହୋଇଥିଲା। ଗ୍ରାମର ବିକାଶ ଉପରେ ବର୍ତ୍ତମାନର ରାଜ୍ୟ ସରକାର ଗୁରୁତ୍ୱ ଦେଇ ଏହି ଯୋଜନା ମାଧ୍ୟମରେ ଗ୍ରାମସଭା ଜରିଆରେ ପ୍ରକଳ୍ପ ଗ୍ରହଣ କରିଛନ୍ତି। ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରକଳ୍ପଗୁଡ଼ିକ କିପରି ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟକାରୀ ହେବ, ସେ ଦିଗରେ ଆଲୋଚନା ବେଳେ ହୋହଲ୍ଲା ହେବା ସହ ବିଭିନ୍ନ ପ୍ରସ୍ତାବ ଆଲୋଚନା କରାଯାଇଥିଲା। ରାଜନୈତିକ ହସ୍ତକ୍ଷେପଠାରୁ ଦୂରରେ ରହି ପ୍ରକଳ୍ପଗୁଡ଼ିକ କିପରି ୫ ବର୍ଷ ମଧ୍ୟରେ କାର୍ଯ୍ୟ କରାଯିବ ସେ ଦିଗରେ ବିସ୍ତୃତ ଖସଡ଼ା ପ୍ରସ୍ତୁତ ହୋଇଛି। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଅଶୋକ କୁମାର ଦାସ, ଏମ୍‌ପିଙ୍କ ନୂତନ ପ୍ରତିନିଧି ଭାବେ ଉଦୟ ନାରାୟଣ ମଲିକ, ବିଡିଓ ତନ୍ମିତା କର, ବ୍ଲକ ଏଇଇ ଅନିଶ ସୁବୁଦ୍ଧି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

## ମହାଶିବରାତ୍ରି ମହୋତ୍ସବର ପ୍ରଥମ ସନ୍ଧ୍ୟା

ଧୂଷୁରୀ, ୨୫।୨(ଦୀପ୍ତି ରଞ୍ଜନ ନାୟକ)


ମଠଡିହ ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭଦ୍ରକ ଜିଲାର ଶୈବପୀଠ ଆରଡ଼ିରେ ମହାଶିବରାତ୍ରି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଙ୍ଗଳବାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଓ ନୃତ୍ୟ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଛନ୍ତି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଧାମନଗର ଭାରପ୍ରାପ୍ତ ତହସିଲଦାର ସାଇ ସିଲୋନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବରିଷ୍ଠ ସେବାୟତ ବିଜୟ କୁମାର ଦାଶ, ଆଶିଷ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାବାମଣି ଡିଗ୍ରୀ ମହାବିଦ୍ୟାଳୟ, ଅପର୍ଣ୍ଣବିନ୍ଧା ନୃତ୍ୟ ସଙ୍ଗୀତ ପରିଷଦ, ଜେନୁଇନ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## ଆଲୋଚନା ପରେ ଧାରଣାରୁ ଉଠିଲେ ବୈଲୋଚନ

ବାସୁଦେବପୁର,୨୫।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ମଙ୍ଗଳବାର ମଧ୍ୟାହ୍ନରେ ବୈଲୋଚନ ଜେନା ନାମକ ଜଣେ ବରିଷ୍ଠ ନାଗରିକ ଧାରଣାରେ ବସିଥିଲେ। ବିଡିଓଙ୍କ ବ୍ୟବହାରକୁ ବିରୋଧ କରି ସେ ଧାରଣାରେ ବସିଥିବା ବେଳେ ବିଡିଓ କାର୍ଯ୍ୟାଳୟକୁ ଆସିବା ପରେ ତାଙ୍କ ସହ ଆଲୋଚନା କରିବା ପରେ ଉଠିଛନ୍ତି। ସାମାଜିକ କର୍ମୀ ବୈଲୋଚନଙ୍କ କହିବା ଅନୁଯାୟୀ, କୌଣସି କାର୍ଯ୍ୟ ପାଇଁ ସେ ସୋମବାର ବିଡିଓଙ୍କୁ ଭେଟିଥିଲେ। ଏହି ସମୟରେ ବିଡିଓଙ୍କ ବ୍ୟବହାର ତାଙ୍କୁ ଆଘାତ ଦେଇଥିଲା। ଏହା ପ୍ରତିବାଦରେ ସେ ଧାରଣାରେ ବସିଥିଲେ। ବିଡିଓ ତନ୍ମିତା କର ଓ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ବୈଲୋଚନଙ୍କୁ ବୁଝାଶୁଝା କରି ଆଲୋଚନା କରିବା ପରେ ସମାଧାନ ହୋଇଥିଲା। ବୈଲୋଚନଙ୍କ ସ୍ତ୍ରୀ ବନଲତା ଜେନା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଦୁଶାସନ ରାଉତ ଉପସ୍ଥିତ ଥିଲେ। ବୈଲୋଚନଙ୍କୁ କିଛି ଉଦ୍ଦେଶ୍ୟ ରଖି କୌଣସି ଖରାପ ବ୍ୟବହାର କରିନାହାନ୍ତି ବୋଲି ବିଡିଓ କହିଛନ୍ତି।

## ଜନସଂଖ୍ୟା ଭିତ୍ତିରେ ବିନିଯୋଗ ହେବ ଅନୁଦାନ

ତିହିଡ଼ି,୨୫।୨(ସଞ୍ଜିତ ବଳ)

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ତିହିଡ଼ି ବ୍ଲକକୁ ୪.୫ କୋଟି ଟଙ୍କାର ଅନୁଦାନ ମିଳିଛି। ଏହି ଅନୁଦାନ ଜନସଂଖ୍ୟା ଭିତ୍ତିରେ ବିଭିନ୍ନ ପଞ୍ଚାୟତରେ ବିନିଯୋଗ କରିବାକୁ କେତେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଦେଇଥିବା ପ୍ରସ୍ତାବ ଗୃହୀତ ହୋଇଛି। ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ଏନେଇ ଆଲୋଚନା ହୋଇଥିଲା। ବିଗତ ବର୍ଷରେ ବ୍ଲକ ଅଧୀନ ୧୫ ପଞ୍ଚାୟତର ସମିତିସଭ୍ୟଙ୍କୁ କୌଣସି ଅନୁଦାନ ଦିଆ ନ ଯାଇ ଅବହେଳା ପ୍ରଦର୍ଶନ କରାଯାଇଥିବା ଫତେପୁର ସରପଞ୍ଚ ପ୍ରଦୀପ ବଳ ଅଭିଯୋଗ କରିବା ସହ ଯେଉଁମାନେ ଅଧିକ ଅନୁଦାନ ପାଇଥିଲେ ସେମାନଙ୍କୁ ବାଦ୍ ଦେବାକୁ ଦାବି କରିଥିଲେ। ତଳଗୋପବିନ୍ଧା ସରପଞ୍ଚ ସଞ୍ଜୀବ ବେହେରା ମଧ୍ୟ ବିଗତ ବର୍ଷରେ ଅନୁଦାନ ବଣ୍ଟନରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ କରିଥିଲେ। ଅପରପକ୍ଷେ ବାହାବଳପୁର ପଞ୍ଚାୟତର ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ ବିଜେଡିର ସମର୍ଥିତ ହୋଇଥିଲେ ବି ବିଗତ ବର୍ଷରେ କୌଣସି ଅନୁଦାନ ପାଇ ନ ଥିବା ଦର୍ଶାଇଥିଲେ। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ବାରୋ ସରପଞ୍ଚ ଉଦ୍ଧବ ଚରଣ ନାୟକ, ତାଳପଦା ସମିତିସଭ୍ୟ ଚିନ୍ତାମଣି ଦାସ ପ୍ରମୁଖଙ୍କ ପ୍ରସ୍ତାବକ୍ରମେ ଜନସଂଖ୍ୟା ଭିତ୍ତିରେ ବ୍ଲକ ଅଧୀନ ୩୧ ପଞ୍ଚାୟତରେ ଅନୁଦାନ ବଣ୍ଟନ ପାଇଁ ସ୍ଥିର ହୋଇଥିଲା। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଅନୁଦାନ ବିନିଯୋଗ ନେଇ ଏହି ପ୍ରସ୍ତାବ ଦେଇଥିବା ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ସମିତିସଭ୍ୟ ଶୁକଦେବ ମଲିକ ସୂଚନା ଦେଇଥିଲେ। ଭାଜପା ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ, ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ଏବିଡିଓ ମାନସ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ।

# 'ସମସ୍ତଙ୍କ ସହଯୋଗରେ ବ୍ଲକର ବିକାଶ ହୋଇପାରିବ'

**ପଞ୍ଚାୟତ ସମିତି ବୈଠକ**

ବନ୍ତ,୨୫।୨(ହରିନାରାୟଣ ମହାନ୍ତି)


ବୈଠକରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସହ ଅନ୍ୟ ଲୋକପ୍ରତିନିଧି ଓ ଅଧିକାରୀମାନେ।

ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ବେଳେ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ କିପରି ସଫଳ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏଥିସହ ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ଶିକ୍ଷା, ପାନୀୟ ଜଳ, ପ୍ରାଣୀ ଚିକିତ୍ସା, ପଞ୍ଚାୟତିରାଜ ଆଦି ବିଭାଗ ସମ୍ପର୍କରେ ଜନପ୍ରତିନିଧିମାନେ ବିଭିନ୍ନ ଅଭିଯୋଗ କରିଥିଲେ। ବିଶେଷକରି ଗ୍ରାମ୍ୟ ଉନ୍ନୟନ ଓ ବିଦ୍ୟୁତ୍ ବିଭାଗର ଅବହେଳା ନେଇ ଅଭିଯୋଗ ହୋଇଥିଲା।

ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କ ଆବାହକତ୍ୱ ଓ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ସମସ୍ତଙ୍କ ସହଯୋଗରେ ବ୍ଲକର ବିକାଶ ହୋଇପାରିବ ବୋଲି କହିଥିଲେ। ଜିପିଡିଓ ସୁଚିସ୍ମିତା ବାରିକ ପୂର୍ବ ବୈଠକର ବିବରଣୀ ପାଠ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ୨୫ ପଞ୍ଚାୟତକୁ ଦିଆଯାଇଥିବା ଅନୁଦାନ ରାଶି ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ଅଫିସକୁ କୌଣସି ଅଧିକାରୀ ଆସୁ ନ ଥିବା ଏବଂ ବହୁ ସମୟରେ ଅଫିସରେ ତାଲା ପଡୁଥିବା ନେଇ ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଅଭିଯୋଗ କରିଥିଲେ। ସେହିପରି ଟିଲୋ ତାଳପଦା, ତ୍ରିକୋଣା, ଦେବତାଗଡିଆ ଆଦି ବିଦ୍ୟାଳୟରେ ଶିକ୍ଷକ ଅଭାବ ଏବଂ ପ୍ରାଣୀ ଚିକିତ୍ସାଳୟରେ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ସମ୍ପର୍କରେ ସେ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମ ସଭାକୁ ସମିତିସଭ୍ୟମାନଙ୍କୁ ଡକା ନ ଯିବା ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ କାର୍ଯ୍ୟରେ ଅବହେଳା କରୁଥିବା ନେଇ ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ଅଭିଯୋଗ କରିଥିଲେ। ଆଗରପଡ଼ାକୁ ବ୍ଲକ ମାନ୍ୟତା ଏବଂ ସେଣ୍ଡତୀରାରେ ନୂଆ ଆର୍‌ଆଇ ଅଫିସ ପ୍ରତିଷ୍ଠା ପାଇଁ ଦାବି କରିଥିଲେ ସେଣ୍ଡତୀରା ସମିତିସଭ୍ୟ ପ୍ରେମାନନ୍ଦ ନାୟକ। ଏଥିସହ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ସେ ଅଭିଯୋଗ କରିଥିଲେ। ଆରଡ଼ି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଥିବା ନେଇ ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ ଅଭିଯୋଗ ଆଣିଥିଲେ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଥିଲେ ମଧ୍ୟ ଲୋକେ ପାଣି ପାଉନାହାନ୍ତି ବୋଲି ମହାନ୍ତିପଡ଼ା ସରପଞ୍ଚ ନୀହାର ରଞ୍ଜନ ପଣ୍ଡା ଅଭିଯୋଗ କରିଥିଲେ। ସେହିପରି ଅଣିଜୋ ପଞ୍ଚାୟତ ସରପଞ୍ଚ ମାଳତୀଲତା ପୃଷ୍ଟିଙ୍କ ସମେତ ଅନ୍ୟ ଜନପ୍ରତିନିଧିମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଏମ୍‌ପି ପ୍ରତିନିଧି ସନ୍ତୋଷ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ୟାଗ୍‌ରୁ ନବଜାତ ଶିଶୁ ଉଦ୍ଧାର



ବାଲେଶ୍ୱର, ୨୫।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ରୂପସା ଥାନା ଅଧୀନ ଧାରିପୋଲ ନିକଟରୁ ମଙ୍ଗଳବାର ଏକ ବ୍ୟାଗ୍ ଭିତରୁ ନବଜାତ ଶିଶୁକୁ ପୋଲିସ ଉଦ୍ଧାର କରିଛି। ରାଜପଥ ପାର୍ଶ୍ୱରେ ପଲିଥିନ ବ୍ୟାଗ୍ ଭିତରୁ ପିଲାଟିର କାନ୍ଦ ଶୁଣି ରାସ୍ତାରେ ଯାଉଥିବା ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରୂପସା ଥାନା ଏଏସ୍ଆଇ ପାମା ଦେଇ, ଉତ୍ତମ କୁମାର ସିଂ ପ୍ରମୁଖ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜିଲା ଶିଶୁ ମଙ୍ଗଳ ବିଭାଗ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁର ଚିକିତ୍ସା ଜାରି ରହିଛି। କେହି ଜଣେ ମହିଳା ପିଲାଟିକୁ ଜନ୍ମ ଦେବା ପରେ ବ୍ୟାଗରେ ଭର୍ତ୍ତି କରି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ପୋଲିସ ପକ୍ଷରୁ ଘଟଣା ତଦନ୍ତ ଜାରି ରହିଛି।

# ଚଳଚଞ୍ଚଳ ପ୍ରସିଦ୍ଧ ବକ୍ରେଶ୍ୱର ଶୈବପୀଠ

ଖଇରା,୨୫।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ଖ୍ୟାତିଲାଭ କରିଥିବା ଖଇରା ବ୍ଲକର ବକ୍ରେଶ୍ୱର ଶୈବପୀଠରେ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୧ଦିନ ପାଇଁ ଚାଲିବାକୁ ଥିବା ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସହ କିଭଳି ସମ୍ପର୍ଣ୍ଣ ହେବ ସେଥିପାଇଁ ମନ୍ଦିର କମିଟି ଓ ଖଇରା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ୩୦ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଥିବା ବେଳେ ଭିଡ଼ ନିୟନ୍ତ୍ରଣ ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି କମିଟି ସଭାପତି ଗଜେନ୍ଦ୍ର ସେଠୀ ଓ ଉପସଭାପତି ଅଭିମନ୍ୟୁ ମହାକୁଡ ପ୍ରକାଶ କରିଛନ୍ତି।

ବାଲେଶ୍ୱର ଜିଲା ଅନ୍ୟତମ ପୁରାତନ ଶୈବପୀଠ ଏବଂ ୫ଶହ ବର୍ଷ ତଳର ହୋଇଥିବା ବେଳେ ଶିବଲିଙ୍ଗର ଆବିର୍ଭାବକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । ଖଇରା ଓ ସିମୁଳିଆ ବ୍ଲକ ସୀମା ତଥା ଖଇରା ବ୍ଲକ ମାଖନପୁର ପଞ୍ଚାୟତର ଟିପସଗଡିଆରେ ଅବସ୍ଥିତ ଏହି ମନ୍ଦିରର ମୁଖ୍ୟପର୍ବ ଜାଗର ଯାତ୍ରା ହୋଇଥିବା ବେଳେ ୧୧ଦିନ ଧରି ମେଳା ବସେ। ୩୦ହଜାରରୁ ୫୦ହଜାର ପର୍ଯ୍ୟନ୍ତ ଭକ୍ତ ବାବା ବକ୍ରେଶ୍ୱରଙ୍କ ଦର୍ଶନ ଲାଗି ଆସିଥାନ୍ତି । ପୂର୍ବରୁ ଏହି ପୀଠକୁ ଭଲ ରାସ୍ତାଟିଏ ନ ଥିବା ବେଳେ ବାରମ୍ବାର ଦାବି ପରେ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହେବା ପରେ ମନ୍ଦିର କମିଟି, ସ୍ଥାନୀୟ ଗ୍ରାମବାସୀ ତଥା ଭକ୍ତମାନେ ଖୁସି ଜାହିର କରିଛନ୍ତି। ହେଲେ ମନ୍ଦିର ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଓ ଶୌଚାଳୟ ଭଳି ସମସ୍ୟା ଯୋଗୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ କଷ୍ଟ ଭୋଗିବାକୁ ପଡୁଛି ବୋଲି କମିଟି ସମ୍ପାଦକ ବରେନ୍ଦ୍ର କୁମାର ପାଢୀ ପ୍ରକାଶ କରିଛନ୍ତି । କମିଟିର ଅନ୍ୟତମ ସଦସ୍ୟ ରମେଶ ଚନ୍ଦ୍ର ପାଳ, ନିରଞ୍ଜନ ଦାସ, କରୁଣାକର ଜେନା, ଉମେଶ ଚନ୍ଦ୍ର ଗିରି ଓ ରତ୍ନାକର ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ସାଜସଜ୍ଜା ଶେଷ ସୋପାନରେ ପହଞ୍ଚିଛି।



ଖଇରା ବ୍ଲକର ମାଖନପୁର ପଞ୍ଚାୟତର ଆରାଧ୍ୟ ବାବା ବକ୍ରେଶ୍ୱର।

## ବାଉଁଶବଣିଆରେ ହାତୀ ଉପଦ୍ରବ



ହାତୀ ଦ୍ୱାରା ନଷ୍ଟ ହୋଇଥିବା ଗ୍ରୀଲ୍।

ପଞ୍ଚଲିଙ୍ଗେଶ୍ୱର, ୨୫।୨(ଲେଲିନ୍ କୁମାର ଦେ)

ବାଲେଶ୍ୱର ଜିଲା ବାଉଁଶବଣିଆ ପଞ୍ଚାୟତ ଅଧୀନ ରାଇପୁର ଗ୍ରାମର ବନମାଳୀ ବିଶ୍ୱାଳଙ୍କ ଘରେ ହାତୀ ପଶି ଲୁହା ଗ୍ରୀଲ୍ ଭାଙ୍ଗିଦେଇଛି। ମଙ୍ଗଳବାର ଭୋର ୪ଟା ବେଳେ ହାତୀ ପଶିବା ଦେଖି ବନମାଳୀଙ୍କ ପରିବାର ଲୋକେ ଭୟରେ କବାଟ କିଳି ଘରେ ରହିଥିଲେ। ଘର ଲୋକେ ଯେତେ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କଲେ ବି ହାତୀଟି ଯାଇ ନ ଥିଲା ତାଙ୍କ ଘର ସମ୍ମୁଖରୁ। ପରେ ଘରେ ଥିବା ବାସନ ଓ ଟିଣ ବଜାଇବାରୁ ହାତୀଟି ରାଗି ଯାଇ ତାଙ୍କ ଘରର ଆଗ ଗ୍ରୀଲ୍‌କୁ ଭାଙ୍ଗି ଦେବା ସହ ଘର ଭିତରେ ଥିବା ୪ଟି ଧାନ ବୁରା ଖାଇ ଦେଇଥିଲା। ପାଖାପାଖି ୬ରୁ ୭ କୁଇଣ୍ଟାଲ ଧାନ ନଷ୍ଟ କରି ଦେଇଥିଲା। ତତ୍ ସଙ୍ଗେ ସଙ୍ଗେ ଉକ୍ତ ବ୍ୟକ୍ତିଙ୍କ ବାଡ଼ିରେ ଥିବା କଦଳୀ ଗଛ, ସପୁରୀ ଗଛ, ଆମ୍ବ ଗଛ, ବିଲାତି ଗଛ ସବୁ ଖାଇ ନଷ୍ଟ କରି ଜଙ୍ଗଲକୁ ଚାଲିଯାଇଥିଲା। ତେବେ ବାରମ୍ବାର ଅଞ୍ଚଳରେ ହାତୀ ଗାଁମୁହାଁ ହେଉଥିବା ବେଳେ ପଞ୍ଚଲିଙ୍ଗେଶ୍ୱର ବିଟ୍, ତେଣ୍ଡା, ବାବନ୍ଧ ବିଟ୍ ଅଞ୍ଚଳରେ ପାଟ୍ରୋଲିଂକୁ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

## ପୂର୍ବତନ ସରପଞ୍ଚଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା

ଭୋଗରାଇ, ୨୫।୨( ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତର ସରପଞ୍ଚ ସ୍ୱର୍ଗତା ସୁଷମାରାଣୀ ପଣ୍ଡା ଥିଲେ ପଞ୍ଚାୟତ ଉନ୍ନୟନର ବିନ୍ଧାଣୀ। ଦୀର୍ଘ ବର୍ଷ ଧରି ପଞ୍ଚାୟତର ମଙ୍ଗ ଧରିଥିବା ଏହି ଜନସେବିକାଙ୍କ ନିଷ୍ଠା, ତ୍ୟାଗ ଓ ଅମାୟିକ ସରଳ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ଚିରଦିନ ସ୍ମରଣୀୟ ହୋଇରହିବ ବୋଲି ସ୍ୱର୍ଗତା ସୁଷମା ରାଣୀ ପଣ୍ଡାଙ୍କ ସ୍ମୃତିଚାରଣ ସଭାରେ ସୋମବାର ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଥିଲେ। ଚନ୍ଦନେଶ୍ୱର ମାର୍କେଟ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ସର୍ବଦଳୀୟ ଶୋକସଭାରେ ସଭାପତିତ୍ୱ କରିଥିଲେ ଚନ୍ଦନେଶ୍ୱର ମହାଦେବଙ୍କ ଉପ ମୁଖ୍ୟ ମୌରସୀ ବୁଦ୍ଧଦେବ ପଣ୍ଡା। ସ୍ୱର୍ଗତା ସରପଞ୍ଚଙ୍କ ଫଟୋ ଚିତ୍ରରେ ସମସ୍ତ ଅତିଥି ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଅନନ୍ତ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ ଦାସ, ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ବିଜେଡି ସଭାପତି ରମାକାନ୍ତ କରଣ, ଜିଲା ପରିଷଦ ସଦସ୍ୟା ନିବେଦିତା ମାହାନ୍ତି, ପ୍ରତିମା ଚାନ୍ଦ, ସନ୍ତୋଷ କୁମାର ଜେନା, ସାମାଜିକ କର୍ମୀ ହେମନ୍ତ ବେହେରା, ସୁଶାନ୍ତ ନାୟକ, ସଞ୍ଜୀବ ସାହୁ, ନୀଳାଦ୍ରି ବିହାରୀ ଶତପଥୀ ଓ ରବୀନ୍ଦ୍ର ଜେନା ପ୍ରମୁଖ ସରପଞ୍ଚଙ୍କ ମୃତ୍ୟୁରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ମତପ୍ରକାଶ କରିଥିଲେ। ଅପର ପକ୍ଷରେ ହୁଗୁଳି ପଞ୍ଚାୟତରେ ଅନୁରୂପ ଭାବେ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ପଞ୍ଚାୟତବାସୀ ।



ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି।

## ସରିଲା ତାରକେଶ୍ୱରଙ୍କ ଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ



ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଉଛି।

ଖଇରା,୨୫।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଅଧୀନ ଶିରିପୁର ବାସିନ୍ଦିପୁରଠାରେ ଗତ ୧୯ତାରିଖରୁ ଆରମ୍ଭ ହୋଇଥିବା ୨୪ତମ ତାରକେଶ୍ୱର ଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦିନରେ ପଣ୍ଡିତ ବ୍ରଜକିଶୋର ଶତପଥି, ମଦନମୋହନ ପଣ୍ଡା, ଲକ୍ଷ୍ମୀକାନ୍ତ ଶନିବିଗ୍ରହ, ଦାମୋଦର ଶତପଥି, ଚକ୍ରଧର ଶତପଥି, ବିଦ୍ୟାଧର ପାଢୀ, ସନାତନ ଆଚାର୍ଯ୍ୟ, ନିଶାକର ପାଣିଗ୍ରାହୀ, ଦୟାନିଧି ପତ୍ରୀ, ନଟବର ଦାଶଙ୍କ ସମେତ ୧୦୮ବେଦ ବିଶାରଦ ଓ ବ୍ରାହ୍ମଣଙ୍କ ଦ୍ୱାରା ୨୭ଯୋଗ ଯଜ୍ଞ ସାଙ୍ଗକୁ ପୂର୍ଣ୍ଣାହୂତି ଦିଆଯାଇଥିଲା। ସନ୍ଧ୍ୟାରେ ତାରକେଶ୍ୱର ଯଜ୍ଞ କମିଟି ପକ୍ଷରୁ ଆୟୋଜିତ ପ୍ରତିଭା ସମ୍ମାନ ସମାରୋହରେ ସୁରେନ୍ଦ୍ର ପ୍ରସାଦ ଦଳାଇ ସଭାପତିତ୍ୱ କରିଥିଲେ। ଡଗରପଡା ପଞ୍ଚାୟତ ସରପଞ୍ଚ ରତ୍ନାକର ଦଳେଇ, ସମିତିସଭ୍ୟ ବିଦ୍ୟାଧର ଦଳେଇ, ଅଚ୍ୟୁତିପୁର ପଞ୍ଚାୟତ ସରପଞ୍ଚ ଅହଲ୍ୟା ପାତ୍ର, ସୋର ମହୋତ୍ସବ କମିଟି ସଭାପତି ଗୌରୀ ଶଙ୍କର ଘଡେଇ, ସମ୍ପାଦକ ଅଜିତ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ମହୋତ୍ସବ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ ବୋଲି ପ୍ରକାଶ କରିଥିଲେ। ଯଜ୍ଞର ପ୍ରତିଷ୍ଠାତା ସ୍ୱର୍ଗତ ରଘୁନାଥ ପାଢୀଙ୍କ ଉପରେ ପ୍ରସ୍ତୁତ ସ୍ମରଣିକା ଅବିସ୍ମରଣୀୟ ରଘୁନାଥ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ତପୋଧନ ବାରିକ ଓ ସକ୍ଷମ ଫାଉଣ୍ଡେଶର ନିର୍ଦ୍ଦେଶକ ଶଶିକାନ୍ତ ରାଉତ, କଳାକାର ସୁଇଟି ଦାଶ, ସତ୍ୟବ୍ରତ ସାହୁ, ସନ୍ତୋଷିନୀ, ଟୁଲୁ, ଶିବା, ନମିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ ରତିକାନ୍ତ ବେହେରା, ଦିପ୍ତୀକାନ୍ତ ପାଢୀ, ତୃପ୍ତିକାନ୍ତ ପାଢୀ, ହରିଶ ବେହେରା, ଭାସ୍କର ବେହେରା, ପ୍ରଫୁଲ୍ଲ ବେହେରା, ଚିନ୍ତାମଣି ବେହେରା, ରମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ରୋଟାରିର ୧୨୦ତମ ଜନ୍ମବାର୍ଷିକୀ

ବାଲେଶ୍ୱର, ୨୫।୨(ବାଞ୍ଛାନିଧି ଦେ)

ଆନ୍ତର୍ଜାତିକ ସ୍ତରରେ ଫେବୃଆରୀ ୨୩ତାରିଖକୁ ରୋଟାରୀର ଜନ୍ମଦିନ ଭାବେ ପାଳନ କରାଯାଏ। ଏହି ଅବସରରେ ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ରୋଟାରୀର ୧୨୦ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି। ରୋଟାରୀ ଭବନ ପରିସରରେ ଆୟୋଜିତ ଉତ୍ସବରେ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରୋଟାରିୟାନ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ସଞ୍ଚାଳନାରେ ପ୍ରଥମେ ରୋଟାରୀର ପ୍ରତିଷ୍ଠାତା ପଲ୍ ହାରିସ୍‌ଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ପୂର୍ବତନ ସଚିବ ସୁରେନ୍ଦ୍ର ପ୍ରସାଦ ଦାସ ଯୋଗଦେଇ ରୋଟାରୀ କ୍ଲବର ସେବା ମନସ୍କ କାର୍ଯ୍ୟ ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶରତ ଚନ୍ଦ୍ର ଦାସ, ପ୍ରେମାନନ୍ଦ ଗିରି, ସର୍ବେଶ୍ୱର ଦାସଙ୍କୁ ରୋଟାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିଳ୍ପୀ କେଶୁ ଦାସ, ନିତ୍ୟାନନ୍ଦ ସାହୁ ଓ ବ୍ରଜ ଷଡ଼ଙ୍ଗୀଙ୍କୁ ଶାରଦ ସମ୍ମାନ–୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିୟାନ ଦେବେନ୍ଦ୍ର କୁମାର ଧଳ ଅଙ୍ଗଦାନ କରିବା ପାଇଁ ଶପଥ ନେଇଥିଲେ। ପ୍ରାକ୍ତନ ପ୍ରାନ୍ତଃପାଳ ଶାନ୍ତନୁ କୁମାର ପାଣି ରୋଟାରୀ ଦିବସର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜୟନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

## ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମକ୍ ଏକ୍ସରସାଇଜ

ବାଲେଶ୍ୱର, ୨୫।୨(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ବିପର୍ଯ୍ୟୟ ପରିଚାଳନା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଏକ ଟେବୁଲ ଟପ୍ ମକ୍ ଏକ୍ସରସାଇଜ ଆୟୋଜିତ ହୋଇଯାଇଛି। ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବା ପାଇଁ ଆସନ୍ତା ୨୮ରେ ବାଲେଶ୍ୱର ଇଣ୍ଡିଆନ ବଟଲିଂ ପ୍ଲାଣ୍ଟ ପରିସରରେ ମକ୍ ଏକ୍ସରସାଇଜ କରାଯିବ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଆଇଏଏସ୍ ପ୍ରୋବେଶନର ଦୁଧାଲ ଅଭିଷେକ ଦିଲୀପ, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ସମେତ ଜିଲାର ବିଭିନ୍ନ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜବତ ଖଣିଜକୁ ନିଲାମକଲେ ଖଣି ଅଧିକାରିଣୀ



ଅଧିକାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଖଣିଜ ପଥର ନିଲାମ।

ଖଇରା, ୨୫।୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡର କପିଳଝରୀ ବନ୍ଧନଟା ମୌଜାରେ ଜବତ ହୋଇଥିବା ଖଣିଜ ପଥରକୁ ମଙ୍ଗଳବାର ନିଲାମ କରାଯାଇଛି । ଜିଲା ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ ଓ ଖଇରା ପୋଲିସ ଉପସ୍ଥିତିରେ ଏହି ଜବତ ପଥର ନିଲାମ କରାଯାଇଥିଲା । ନିଲାମର ମୂଳ ଧାର୍ଯ୍ୟଦର ୬ଲକ୍ଷ ୭୫ ହଜାର ଥିବା ବେଳେ ଗଡପୋଖରୀ ଗ୍ରାମର ପ୍ରଦୀପ ରାଉତ ସର୍ବାଧିକ ୭ଲକ୍ଷ ୨୦ହଜାର ଦାମ୍‌ରେ ଏହାକୁ କିଣିଥିଲେ। ମୋଟ ୪ଜଣ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିଥିଲେ। ଫେବୃଆରୀ ୧୩ତାରିଖରେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର ଖଇରା ତହସିଲ ଅଧୀନରେ ଏହି ପଥରକୁ ଜବତ କରିଥିବା ବେଳେ ୧୪ତାରିଖରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ଅତିରିକ୍ତ ନିର୍ଦ୍ଦେଶକଙ୍କୁ ମାମଲା ହସ୍ତାନ୍ତର କରାଯାଇଥିଲା।

## ଭୁଜାଲି ଦେଖାଇ ୩୨ହଜାର ଲୁଟ୍

ସିମୁଳିଆ, ୨୫।୨(ସନ୍ତୋଷ ନାୟକ)– ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଡ଼ା ପଞ୍ଚାୟତ ଖୁସାଲପୁର ଗ୍ରାମର ଗୌରାଙ୍ଗ ସାହୁଙ୍କ ନିକଟରୁ ଲୁଟେରାମାନେ ଭୁଜାଲି ଦେଖାଇ ୩୨ହଜାର ଟଙ୍କା ଲୁଟି ନେଇଥିବା ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ସେ ସୋମବାର ପୂର୍ବାହ୍ନରେ ଅଡ଼ା ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ବ୍ୟାଗରେ ରଖି ସାଇକେଲ ହ୍ୟାଣ୍ଡେଲରେ ଟାଙ୍ଗି ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ଆଗ ଏବଂ ପଛରୁ ୨ଟି ପୃଥକ ବାଇକରେ ଆସି ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ଟଙ୍କା ବ୍ୟାଗ ଧରି ଅଡ଼ା ରାସ୍ତାରେ ପଳାଇଥିଲେ। ସିମୁଳିଆ ପୋଲିସ ତଦନ୍ତ ଜାରି ରଖିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

ବାହାନଗା,୨୫।୨(ଅରୂପ୍ କୁମାର ଦାସ)

ବାହାନଗା ପଞ୍ଚାୟତ ଷଠୀ ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଆଡମ୍ବରରେ ପାଳନ ହୋଇଛି। ଏନେଇ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମନୋରଞ୍ଜନ ବେହେରା ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବାହାନଗା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୋହିଆ ଟୁଡୁ ଯୋଗଦେଇ ସରସ୍ୱତୀ ଶିଶୁ ମନ୍ଦିରରେ ପାଠପଢା ସହିତ ସଂସ୍କାରମୂଳକ ଶିକ୍ଷାଦାନ କୁନି କୁନି ଛାତ୍ରୀଛାତ୍ରମାନଙ୍କୁ କୁସଂସ୍କାରରୁ ଦୂରେଇ ରଖିବା ସହିତ ଜଣେ ଉତ୍ତମ ମଣିଷ କରି ଗଢିତୋଳିବାର ଏକ ମାଧ୍ୟମ ଅଟେ ବୋଲି ପ୍ରକାଶ କରିଥିଲେ। ସଭାରେ ଶିଶୁ ମନ୍ଦିର ସଭାପତି ରତ୍ନମଣୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଷଠୀ କ୍ଲଷ୍ଟରର ସିଆରସିସି ତୁଳସୀ ମଳିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଖଗପତି ଜେନା, ବିପ୍ଳବ କେଶରୀ ଦାସ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଭାସ୍କର ଚନ୍ଦ୍ର ବେହେରା, ହରେକୃଷ୍ଣ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଦାନ ପଦ୍ଧତି ଓ ସଂସ୍କାରମୂଳକ କାର୍ଯ୍ୟ ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ। ପରେ ବିଦ୍ୟାମନ୍ଦିରର ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ରାତିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସିମୁଳିଆ, ୨୫।୨(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଙ୍ଗରଖଡିଗଡିଆ ପଞ୍ଚାୟତ ଗୌଡଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରବୃତ୍ତି ପାଇଥିବା ସଞ୍ଜୁଲତା ଭୂୟାଁଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜୟନ୍ତୀ ନାୟକ, ମୁଖ୍ୟଅତିଥି ରୂପେ ଏବିଇଓ ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ରୂପେ ବ୍ଲକ ଉପସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ସିଆରସିସି ରତ୍ନାକର ବାରିକ, ପ୍ରହ୍ଲାଦ ନାୟକ, ଯୁଧିଷ୍ଠୀର ଶିଅଳ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଛବିରାଣୀ ଓ ଦିଲୀପ କୁମାର ଭୂୟାଁଙ୍କ କନ୍ୟା ସଞ୍ଜୁଲତା ଜଣେ ମେଧାବୀ ଛାତ୍ରୀ।

# ‘ଦକ୍ଷତା ବିକାଶ ଏବଂ ଡିଜିଟାଲ ଶିକ୍ଷାର ସମନ୍ୱୟ’

- ସରିଲା ୨ଦିନିଆ ଜାତୀୟ ଆଲୋଚନାଚକ୍ର
- ଉପସ୍ଥାପନ ହେଲା ୧୫୦ ଗବେଷଣା ପତ୍ର




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର,୨୫।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ପକ୍ଷରୁ ‘ଭବିଷ୍ୟତ ପିଢ଼ିଙ୍କ ସଶକ୍ତିକରଣ : ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ଦକ୍ଷତା ବିକାଶ ଏବଂ ଡିଜିଟାଲ୍ ଶିକ୍ଷାର ସମନ୍ୱୟ’ ସମ୍ପର୍କରେ ଦ୍ୱି–ଦିବସୀୟ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଶିକ୍ଷାରେ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଚିତ୍ ଆଧାର, ଶିଖିବାର ଆଗ୍ରହ ଓ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ନ୍ୟାଶନାଲ କାଉନସିଲ୍ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଏବଂ ଟ୍ରେନିଂ (ଏନସିଇଆରଟି)ର ପୂର୍ବତନ ପ୍ରଫେସର ହୃଷିକେଶ ସେନାପତି, ସମ୍ମାନିତ ଅତିଥି ନୂଆଦିଲ୍ଲୀସ୍ଥିତ ଭାରତୀୟ ବିଶ୍ୱବିଦ୍ୟାଳୟ ସଙ୍ଗଠନର ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ପାଣି ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମାଜିକ ଭାବପ୍ରବଣତାର ସହ ବିଶ୍ୱ ନାଗରିକତ୍ୱର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ।

ଆବାହକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ପ୍ରଗତିକା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଗାନାଇଜିଂ ସେକ୍ରେଟେରୀ ଡ. ପ୍ରତିମା ପ୍ରଧାନ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଦୁଇଦିନିଆ ଆଲୋଚନାଚକ୍ରର ୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶିକ୍ଷାଗତ ପର୍ଯ୍ୟାୟରେ ଧନ୍ଦାମୂଳକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା, ଏକବିଂଶ ଶତାବ୍ଦୀର କୌଶଳ ଗଠନ ଜାତୀୟ ଶିକ୍ଷାନୀତି ୨୦୨୦ର ଗୁରୁତ୍ୱ, ଏବଂ ଅନୁକୂଳ ଶିକ୍ଷା, ଡିଜିଟାଲ୍ ଏବଂ ମିଶ୍ରିତ ଶିକ୍ଷଣ: ଶିକ୍ଷା କ୍ଷେତ୍ରରେ ପ୍ରବେଶ ଏବଂ ନୂତନତା ବୃଦ୍ଧି, ଡିଜିଟାଲ୍ ଏବଂ ଦକ୍ଷତାସମ୍ପନ୍ନ ପ୍ରଶିକ୍ଷକ ଭାବରେ ଶିକ୍ଷାବିତମାନଙ୍କୁ ସଶକ୍ତ କରିବା ଆଦି ଆଲୋଚ୍ୟର ବିଷୟ ଥିଲା। ଏଥିରେ ୩ଶହରୁ ଅଧିକ ଗବେଷକ, ବିଶେଷଜ୍ଞ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୧୫୦ଟି ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଜଏଣ୍ଟ ଅର୍ଗାନାଇଜିଂ ସେକ୍ରେଟେରୀ ଚିନ୍ତାମଣି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ଅଞ୍ଚଳରେ ୭୭ ହାତୀ


ରାସ୍ତା ଅତିକ୍ରମ କରୁଥିବା ହାତୀପଲ।

**ଯୋଡ଼ା,୨୫।୨(ମାନସ ମହାନ୍ତି)**
କେନ୍ଦୁଝର ଜିଲା ଚମ୍ପୁଆ ଓ ବଡ଼ବିଲ ରେଞ୍ଜ ଅଞ୍ଚଳରେ ପ୍ରାୟ ୭୭ଟି ହାତୀ ବିଚରଣ କରୁଛନ୍ତି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ,ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନର ନାଉପାଣିରେ ୧୭ଟି, ଚମକପୁରରେ ୨୬ଟି, ଯୋଡ଼ା ସେକ୍ସନର ବନ୍ଧୁଆବେଡ଼ା ବନାଞ୍ଚଳରେ ୧୮ଟି ହାତୀ ଥିବାବେଳେ ବଡ଼ବିଲ ରେଞ୍ଜ ଗୁଆଲି ସେକ୍ସନରେ ପ୍ରାୟ ୧୬ଟି ହାତୀ ରହିଛନ୍ତି। ଯୋଡ଼ା ଅଞ୍ଚଳରେ ବନ ବିଭାଗ ଓ ରେଲୱେ ପକ୍ଷରୁ ମିଳିତ ଭାବେ ପାଟ୍ରୋଲିଂ କରାଯାଉଛି। ହାତୀଙ୍କୁ ସୁରକ୍ଷା ଦେବା ପାଇଁ ପାଟ୍ରୋଲିଂ ସମୟରେ ରେଲୱେ ସମେତ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ, ବିଦ୍ୟୁତ୍ ବିଭାଗ ବନ ବିଭାଗକୁ ସହଯୋଗ କରୁଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି। ହାତୀ ଥିବା ସମସ୍ତ ଅଞ୍ଚଳରେ ବୃହତ ଖଣିମାନଙ୍କରେ ଖଣିଜ ଖନନ ହେତୁ ବାରୁଦ ବିସ୍ଫୋରଣ କରାଯାଉଛି। ଏହାକୁ ମଧ୍ୟ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରିବା ପାଇଁ କେନ୍ଦୁଝର ଡିଏଫ୍‌ଓ ନଜର ରଖିଛନ୍ତି। ତେଣେ ଏହି ବିସ୍ତୃତ ବନାଞ୍ଚଳରେ କାନପୁର ଡ୍ୟାମ ନିର୍ମାଣ ମଧ୍ୟ ଚାଲିଛି। ପ୍ରାୟ ୫୦ରୁ ଅଧିକ ଖଣିରେ ଖନନ କାର୍ଯ୍ୟ ଚାଲିଛି। ତେଣୁ ହାତୀ ଇତଃସ୍ତତ ହେଉଛନ୍ତି। ପଲ ପଲ ହୋଇ ହାତୀ ଏଣେତେଣେ ରହୁଥିବା ହେତୁ ସମୟ ସମୟରେ ସଡ଼କ ଅତିକ୍ରମ କରୁଛନ୍ତି। ବାଇକ୍ ଆରୋହୀ ଦୁର୍ଯ୍ୟୋଧନ ମହାନ୍ତ କହିଛନ୍ତି ଯେ, ସେ ବଡ଼ବିଲରୁ ଯୋଡ଼ା ଆସୁଥିବା ବେଳେ ରୋଇଡ଼ା ଛକ ନିକଟରେ ହାତୀ ପଲ ରାସ୍ତା ଅତିକ୍ରମ କରୁଥିଲେ। ହେଲେ ସ୍ଲରୀ ପାଇପ୍ ପାଇଁ ଖୋଳା ହୋଇଥିବା ଗାତକୁ ଦେଖି ହାତୀପଲ ପୁଣି ରାସ୍ତା ଅତିକ୍ରମ କରି ନ ପାରି ପଛକୁ ଫେରି ଆସିଥିଲେ। ବ୍ୟାପକ ଖଣି ଖନନ ଓ ଜଙ୍ଗଲ ଧ୍ୱଂସ, ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଆଲୋକ, ବାରୁଦ ବିସ୍ଫୋରଣ ହେତୁ ବେଳେ ବେଳେ ହାତୀପଲ ପଥଭ୍ରଷ୍ଟ ହୋଇ ଗ୍ରାମାଭିମୁଖି ହେଉଛନ୍ତି ଏବଂ ବିଭିନ୍ନ ସଂରକ୍ଷିତ ଜଙ୍ଗଲକୁ ନ ଯାଇ ଗ୍ରାମ୍ୟ ଜଙ୍ଗଲରେ ରହୁଥିବା ଦେଖିବାକୁ ମିଳିଛି।

# ରାସ୍ତାରେ ହାତୀପଲ


ରାସ୍ତାରେ ଅଟକି ରହିଥିବା ହାତୀପଲ।

**କେନ୍ଦୁଝର.୨୫।୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**
ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ପୁତୁଲପାଣି ରାସ୍ତାରେ ମଙ୍ଗଳବାର ସକାଳ ୯ଟା ସମୟରେ ହାତୀ ପଲ ଅଟକି ରହିଥିଲେ। ଛୁଆ ହାତୀ ଥିବାରୁ ହାତୀ ପଲ ଯାଇ ନ ପାରି ଦୀର୍ଘ ଘଣ୍ଟା ଧରି ରାସ୍ତା କଡ଼ରେ ଥିବା ଜଙ୍ଗଲରେ ଅଟକି ରହିଥିଲେ। ବହୁ ସଂଖ୍ୟାରେ ଲୁହା ପଥର ଟ୍ରକ ଚଳାଚଳ କରୁଥିବାରୁ ହାତୀମାନେ ଅନେକ ସମୟରେ ରାସ୍ତା ପାର ହୋଇ ପାରୁ ନାହାନ୍ତି। ରାସ୍ତା କଡ ଓ ମଝିରେ ଥିବା ବାଡ଼ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ବନ ବିଭାଗ ଟିମ୍ ପହଞ୍ଚି କିଛି ସମୟ ଗାଡ଼ି ଚଳାଚଳ ବନ୍ଦ କରି ହାତୀପଲଙ୍କୁ ସୁରକ୍ଷିତ ରାସ୍ତାପାର କରାଇଥିଲେ। ଏହି ଅଞ୍ଚଳରେ ହାତୀପଲ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟତ କରିଥାନ୍ତି। ଖଣି ଅଞ୍ଚଳକୁ ବହୁ ସଂଖ୍ୟାରେ ଟ୍ରକ୍ ଚଳାଚଳ କରୁଥିବା ଯୋଗୁ ହାତୀପଲ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ୨ ମୃତ, ଜଣେ ଗୁରୁତର

**ପାଟଣା,୨୫।୨(ବୀର କିଶୋର ଦାଶ)**
କେନ୍ଦୁଝର ଜିଲା ପାଟଣା ବ୍ଲକରେ ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ହାତୀବାରି ମଣ୍ଡୁ ଢାବା ନିକଟରେ ମଙ୍ଗଳବାର ସକାଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାର ହୋଇଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୩୪/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

ସେହିପରି ମୀରିଖୋଜି ପଞ୍ଚାୟତ ଅସନ ବାହାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛକ ନିକଟରେ ସୋମବାର ରାତିରେ ଏକ ଟ୍ରାକ୍ଟର ପଥର ଉପରକୁ ଚଢ଼ାଇ ଦେବା ଫଳରେ ଓଲଟି ଖାଲରେ ପଡ଼ିଯାଇଥିଲା। ଟ୍ରାକ୍ଟର ଇଞ୍ଜିନ ତଳେ ଚାପିହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ନାବାଳକ ଶଳା ଗୁରୁତର ହୋଇଛନ୍ତି। ମୃତକ ହେଲେ ଅସନ ବାହାଳୀ ଭୂମିଜସାହିର ବିଶୁ ଭୂମିଜଙ୍କ ପୁଅ ରାଜେଶ(୨୨)। ଗୁରୁତର ନାବାଳକଙ୍କ ଘର ଉଦୟପୁରରେ। ପୋଲିସ ଓ ଦମକଳ ବାହିନୀ ନାବାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପାଟଣା ପୋଲିସ ଜେସିବି ସହାୟତାରେ ଟ୍ରାକ୍ଟର ତଳୁ ମୃତଦେହ ବାହାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କାଳିଆମ୍ବ ଛକରେ ବିଶ୍ରାମାଗାର ନିର୍ମାଣ ଦାବି

**ଛେନାପଦି,୨୫।୨(ନିରାକାର ପରିଡ଼ା)**
କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଢେଙ୍କା ପଞ୍ଚାୟତରେ କାଳିଆମ୍ବ ଛକରେ ଏକ ବିଶ୍ରାମାଗାର ନିର୍ମାଣ ଦାବି ହୋଇଛି। ସାଳନ୍ଦୀ ନଦୀବନ୍ଧ ସେତୁ ତଥା ହଦଗଡ଼ ଯିବା ରାସ୍ତାରେ କାଳିଆମ୍ବ ଛକଟି ପଡ଼ିଥାଏ। ଛକ ଉପରେ କାଳିଆମ୍ବ, ଜଳଦା, ଚାପଲ ଭଳି ଆଖପାଖ ଅଞ୍ଚଳର ଅନେକ ଗାଁ ଲୋକେ ଗମନାଗମନ ପାଇଁ ନିର୍ଭର କରିଥାନ୍ତି। ଏହି ଅଞ୍ଚଳରୁ ଅନେକ ଛାତ୍ରୀଛାତ୍ର ମଧ୍ୟ ସ୍କୁଲ-କଲେଜକୁ ଯିବାପାଇଁ ଏହି କାଳିଆମ୍ବ ଛକରେ ଯାତ୍ରୀବାହୀ ଗାଡ଼ିକୁ ଅପେକ୍ଷା କରଥାନ୍ତି। ଦୁଃଖର ବିଷୟ ଛକରେ ବିଶ୍ରାମଗାରଟିଏ ନିର୍ମାଣ ହୋଇପାରିନାହିଁ। ଫଳରେ ଲୋକେ ଖରା, ବର୍ଷା, ଶୀତ, କାକରରେ ଜରିପାଲ ଦୋକାନ କିମ୍ବା ଗଛ ତଳେ ରହି ଯାତ୍ରୀବାହୀଗାଡ଼ିକୁ ଅପେକ୍ଷା କରିଥାନ୍ତି। ଏଣୁ ସ୍ଥାନୀୟ ଲୋକଙ୍କ ଏଭଳି ସମସ୍ୟାକୁ ଦୂର କରିବାକୁ କାଳିଆମ୍ବ ଛକରେ ଏକ ବିଶ୍ରାମାଗାର ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଶ୍ରାମଗାର ପରି ପାନୀୟଜଳ ଅଭାବ ମଧ୍ୟ ଲାଗି ରହିଥିବାରୁ ଛକରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି କରାଯାଇଛି। ଚଳିତବର୍ଷ ଫେବୃଆରୀରୁ ତାପମାତ୍ରା କ୍ରମଶଃ ବଢ଼ିବାରେ ଲାଗିଥିବାରୁ ତୁରନ୍ତ ପାନୀୟଜଳ ବ୍ୟବସ୍ଥା କରାଇବାକୁ ଯୁବ ସମାଜସେବୀ ଶେଷଦେବ ସାମଲଙ୍କ ସହ ଗ୍ରାମର ସୁବର୍ଣ୍ଣ ଦଣ୍ଡପାଟ, ରମେଶ ମାଣିକ, ସିଙ୍ଗରାଇ ବେସ୍ରା, ନିଶାକର ବିନିଶିଆ, ଉଦୟ ଟୁଡୁ, କଷ୍ଟୁ ଦଣ୍ଡପାଟ, ନିରଞ୍ଜନ କାଶିମାଳ, ରାଙ୍କୁ ବେସ୍ରା, ମୋହନ ବେସ୍ରା ପ୍ରମୁଖ ଦାବି କରିଛନ୍ତି।

# ପରିଚାଳନା କମିଟି, ସମ୍ପାଦକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ସମବାୟ ସମିତିର ୮୨ ଲକ୍ଷ ହେରଫେର ଘଟଣା**

**ହାଟଡିହୀ,୨୫।୨(ଶୁଭକାନ୍ତ ନାୟକ)**
୮୨ ଲ ୪୨ ହଜାର ୬୭୨ ଟଙ୍କା ସମିତି ଅନୁଦାନ ହେରଫେର ଘଟଣାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରିଗାଁ ସେବା ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠି ଏବଂ ପରିଚାଳନା କମିଟି ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି କେନ୍ଦୁଝର ଡିଆର୍‌ସିଏସ୍ ଶୁଭ୍ରକାନ୍ତି ତୁଙ୍ଗ କହିଛନ୍ତି । ଫଳରେ ପରିଚାଳନା କମିଟିରେ ଥିବା ଡାଇରେକ୍ଟର ଏବଂ ସମ୍ପାଦକ ସେଠିଙ୍କ ପାଇଁ ଅଡୁଆ ବଢ଼ିଛି । ତେଣୁ ଉଭୟ ଡାଇରେକ୍ଟର ଏବଂ ସମ୍ପାଦକ ଘଟଣାକୁ ରଫାଦଫା କରି ଚାପିଦେବାକୁ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଶରଣ ନେଉଥିବା ଆଲୋଚନାର ପ୍ରସଙ୍ଗ ପାଲଟିଛି। ସୂଚନାଯୋଗ୍ୟ, ୮୨ ଲକ୍ଷ ୪୨ ହଜାର ୬୭୨ ଟଙ୍କା ସମିତି ଅନୁଦାନ ହେରଫେର ହୋଇଥିବା ୨୦୨୧-୨୨ ବର୍ଷ ଅଡିଟ ରିପୋର୍ଟରେ ସ୍ପଷ୍ଟ ହେବା ପରେ ନିର୍ଦ୍ଦେଶ ଅନୁସାରେ ସମିତି ମ୍ୟାନେଜମେଣ୍ଟ କମିଟିର ଡାଇରେକ୍ଟରମାନେ ଗତ ୧୨ ତାରିଖରେ କେନ୍ଦୁଝର ଡିଆର୍‌ସିଏସ୍ ଅଫିସରେ ହାଜର ହୋଇଥିଲେ। ଏଥିସହ ଘଟଣା ସମ୍ପର୍କିତ ବିଭିନ୍ନ ଦସ୍ତାବିଜ ପରବର୍ତ୍ତୀ ସମୟରେ ପ୍ରଦାନ କରିଥିଲେ। ଡିଆର୍‌ସିଏସ୍ ତୁଙ୍ଗ କହିଛନ୍ତି ଯେ, ଦସ୍ତାବିଜ ଅନୁଧ୍ୟାନ କରିବା ପରେ ଆହୁରି ପ୍ରାୟ ୧୦ ଲକ୍ଷ ଟଙ୍କା ସମିତି ଅନୁଦାନ ହେରଫେର ହୋଇଥିବା ଏବଂ ରିକଭରି ହେବ ବୋଲି ସ୍ପଷ୍ଟ ହୋଇଛି। ତଦନ୍ତ ସମୟରେ ସମିତିର ଗୃହ ନିର୍ମାଣ ଏବଂ ମରାମତି ପାଇଁ ପାଇଁ ସମ୍ପାଦକ ଦୀର୍ଘ ମାସ ହେବ ୩ ଲକ୍ଷ ଟଙ୍କା ଉଠାଣ କରି କାର୍ଯ୍ୟ କରି ନ ଥିବା ସ୍ପଷ୍ଟ ହୋଇଥିଲା ଏବଂ ଅଦ୍ୟାବଧି ଯୁସି ଦେଇ ନାହାନ୍ତି। ତନାଘନା ପରେ ହେରଫେର ହୋଇଥିବା ଫର୍ଟିଲାଇଜର(ଉର୍ବରକ) ବାବଦରେ ୩ ଲକ୍ଷ ଟଙ୍କା ସମ୍ପାଦକ ସେଠି ବ୍ୟାଙ୍କରେ ଜମା କରିଛନ୍ତି।

ସୂଚନାଯୋଗ୍ୟ, ସମିତି ସମ୍ପାଦକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଡିଆର୍‌ସିଏସଥ ୭।୧୨।୨୦୨୪ରେ ନିର୍ଦ୍ଦେଶ ଜାରି କରିଥିଲେ।ପରେସମବାୟସମିତିରକମିଟି ମ୍ୟାନେଜମେଣ୍ଟକୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଥିଲା। ଉକ୍ତ ଘଟଣାକୁ ନେଇ ଗତ ଜାନୁୟାରୀ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ହୋଇଛି।

### ଜାଗର ପାଇଁ ଚଳଚଞ୍ଚଳ ଆନନ୍ଦେଶ୍ୱର ପୀଠ

**ପାଟଣା,୨୫।୨(ବୀର କିଶୋର ଦାଶ)**
ଜାଗର ପାଇଁ ପାଟଣା ଓ ସାହାରପଡ଼ା ବ୍ଲକର ପ୍ରମୁଖ ଶୈବପୀଠଗୁଡ଼ିକରେ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ପାଟଣା ମୁଖ୍ୟାଳୟ ପୁରାତନ ଶୈବପୀଠ ଆନନ୍ଦେଶ୍ୱର ମନ୍ଦିର ଓ ସ୍ୱାମଶାସନର ସୋମେଶ୍ୱର ମହାଦେବଙ୍କ ମନ୍ଦିରର ସାଜସଜା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅଞ୍ଚଳର ପୁରାତନ ଆନନ୍ଦେଶ୍ୱର ମହାଦେବଙ୍କ ଜାଗର ମହୋତ୍ସବ ଅନୁଷ୍ଠିତ ହେବ। ଜାଗର ଯାତ୍ରାକୁ ସୁଚାରୁ ରୂପେ ସମ୍ପନ୍ନ କରିବାକୁ ମନ୍ଦିର ପରିସରରେ ଅଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲିବ। ରାତି ୧୦ଟା ୩୦ରେ ମହାଦୀପ ଉଠିବା ପାଇଁ ନିଷ୍ପତ୍ତି ହୋଇଛି। ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ୩ରୁ ୬ ଯାଏ ଯାତ୍ରା ପରିବେଷଣ ହେବ। ମୀନାବଜାର ସହ ଦୋଳି ପଡ଼ିବା ବ୍ୟବସ୍ଥା ରହିଛି। ଜାଗର ଦିନ ଭିଡ଼ ନିୟନ୍ତ୍ରଣ ଓ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ପାଟଣା ପୋଲିସ, ପାଟଣା ମହାବିଦ୍ୟାଳୟ ଏନ୍‌ସିସି ଛାତ୍ର ଓ ସ୍ୱେଚ୍ଛାସେବୀମାନେ ତଦାରଖ କରିବେ। ମନ୍ଦିର କମିଟିର ସନାତନ ଦାଶ, ଅରୁଣ କୁମାର ମିଶ୍ର, ନାରାୟଣ ବାରିକ, ଯୁଗଳ କିଶୋର ଦାଶ, କମଳାକାନ୍ତ ପତି, ଲକ୍ଷ୍ମଣ କୁମାର ପତି, ଲିପକ କୁମାର ସାହୁ, ଚିନ୍ମୟ କୁମାର ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନ ତତ୍ପର


ଜିଲାପାଳ ବିଶାଳ ସିଂ ତଦାରଖ କରୁଛନ୍ତି।

**ସଜେଇ ହେଉଛି ଚନ୍ଦ୍ରଶେଖର ମହାବିଦ୍ୟାଳୟ**

**ଚମ୍ପୁଆ,୨୫।୨(ମହେଶ୍ୱର ଦାସ)**
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ମାର୍ଚ୍ଚ ୨ ତାରିଖରେ ଚମ୍ପୁଆ ଗସ୍ତ କରିବେ। ଏଥିପାଇଁ ଜିଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସଜେଇ ହେଉଥିବା ବେଳେ ମଙ୍ଗଳବାର ଜିଲାପାଳ ବିଶାଳ ସିଂ ଏହି କଲେଜରେ ପହଞ୍ଚି ଆନୁସଙ୍ଗିକ ବ୍ୟବସ୍ଥା ତଦାରଖ କରିଛନ୍ତି। ଅଧ୍ୟକ୍ଷ ରାଜେନ୍ଦ୍ର କର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କ’ଣ ବ୍ୟବସ୍ଥା କରାଯାଇଛି, ସେନେଇ ଜିଲାପାଳଙ୍କୁ ଅବଗତ କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ଉମାକାନ୍ତ ପରିଡ଼ା, ବିଡିଓ ସ୍ମୃତି ରଞ୍ଜନ ସାହୁ, ବିଡିଓ ଡି. ପ୍ରିୟଦର୍ଶୀ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖବର ପ୍ରକାଶ ପରେ ପହଞ୍ଚିଲେ ଅଧିକାରୀ


ହୁଡିସାହିରେ ଏନ୍‌ଏସି ଅଧିକାରୀ।

**ସହରରେ ସାହିକୁ ରାସ୍ତା ନାହିଁ**

**ଚମ୍ପୁଆ,୨୫।୨(ମହେଶ୍ୱର ଦାସ)**
ଚମ୍ପୁଆ ଏନ୍‌ଏସିର ୧୦ ବର୍ଷ ପୂରିବାକୁ ଆଉ କିଛିଦିନ ବାକି ରହିଥିବା ବେଳେ ୧୩ ନଂ. ୱାର୍ଡର ହୁଡ଼ିସାହି ଗାଁକୁ ନିତିଦିନିଆ ରାସ୍ତା ନ ଥିବା ଖବର ପ୍ରକାଶ ପରେ ସୋମବାର ଅଧିକାରୀଙ୍କ ପାଦ ହୁଡ଼ିସାହିରେ ପଡ଼ିଛି। ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି।

ହୁଡ଼ିସାହି ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଠାକୁ ନିତିଦିନିଆ ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ୫ ଜଣ ଏନ୍‌ଏସି ନିର୍ବାହୀ ଅଧିକାରୀ ନିଜ ଦାୟିତ୍ୱ ନିର୍ବାହ କରି ଅନ୍ୟତ୍ର ବଦଳି ହୋଇଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଗ୍ରାମବାସୀଙ୍କ ରାସ୍ତା ସ୍ୱପ୍ନ ପୂରଣ ହୋଇପାରିନି। ନିତିଦିନିଆ ରାସ୍ତା ନ ଥିବାରୁ ଜଙ୍ଗଲ ଓ ପାଦଚଲା ରାସ୍ତା ଭରସା। ବର୍ଷାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଏହି ଗ୍ରାମବାସୀ ଅନ୍ୟ ଦିନଗୁଡିକରେ ଏନ୍‌ଏସି ମୁଖ୍ୟାଳୟକୁ ଆସିବାକୁ ହେଲେ ରଜିଆ ପଞ୍ଚାୟତର କଞ୍ଚନପୁର ଓ ଜୟନ୍ତିନାପୁର ଦେଇ ୪ରୁ ୫ କି.ମି. ବୁଲିବାକୁ ପଡୁଛି। ୧୩ ନଂ. ୱାର୍ଡ ନୂଆଗାଁର ଏହା ଏକ ବିରାଟ ସାହି ହୋଇଥିବା ବେଳେ ପାହାଡ଼ ଘେରା ଏହି ସାହିକୁ ହୁଡ଼ିସାହି ରୂପେ ନାମିତ କରାଯାଇଛି। ଏହି ଆଦିବାସୀ ଗାଁରେ ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳୁଥିଲେ ମଧ୍ୟ ସ୍ୱାଧୀନତାର ୭୬ ବର୍ଷ ପରେ ବି ରାସ୍ତାଟିଏ ହୋଇପାରି ନାହିଁ। ଖବର ପ୍ରକାଶ ପରେ ଏନ୍‌ଏସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ନିଯୁକ୍ତି ସୁଯୋଗ କର୍ମଶାଳା

**ବାରିପଦା,୨୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**
ବାରିପଦାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ପର୍କିତ ସଭା ଅଧ୍ୟକ୍ଷା ସାଗରିକା ସିଂହଙ୍କ ପୌରୋହିତ୍ୟରେ ସୋମବାର ଅପରାହ୍ଣ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ଯୁଗରେ ନିଯୁକ୍ତିର ଘୋର ଅଭାବ ପରିଲକ୍ଷିତ ହେଉଥିବାରୁ ଶିକ୍ଷା ସମାପ୍ତି ପରେ ବେକାରୀ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ନାତକ ଶିକ୍ଷା ପରେ ପ୍ରାର୍ଥୀ କିଭଳି ସମାଜରେ ସ୍ୱାବଲମ୍ବୀ ହୋଇପାରିବେ। ସଭା ଆରମ୍ଭରେ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ. ଅଞ୍ଜନା ପୃଷ୍ଟି ମଞ୍ଚ ପରିଚାଳନା ପୂର୍ବକ ଉକ୍ତ ଦିବସର ମହତ୍ତ୍ୱ ବଖାଣିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସିଂହ ଛାତ୍ରୀଗଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସମୟର ସଦୁପଯୋଗ କରିବାର ବାର୍ତ୍ତା ରଖିଥିଲେ ମୁଖ୍ୟବକ୍ତା ଶେଖର ନାଏକ ସ୍ନାତକ ସମାପନ ପରେ ବିଭିନ୍ନ କ୍ଷେତ୍ରରେ ଥିବା ନିଯୁକ୍ତି ସୁଯୋଗ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। +୩ ଶେଷ ବର୍ଷ ତଥା ପୁରାତନ ଛାତ୍ରୀଗଣ ଏକ ଲିଖିତ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀମାନଙ୍କୁ ଏକ ମୌଖିକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ଓ ପରେ ଉକ୍ତ ପରୀକ୍ଷାରୁ ଉତ୍ତୀର୍ଣ୍ଣ ଛାତ୍ରୀମାନଙ୍କୁ ନିଯୁକ୍ତିର ସୁଯୋଗ ମିଳିବ। ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ତଥା ଯୁକ୍ତ ତିନି ବର୍ଷର ଛାତ୍ରୀଗଣ ଉପସ୍ଥିତ ଥିଲେ। ରସାୟନ ବିଜ୍ଞାନର ସହକାରୀ ପ୍ରଫେସର ଡ. ଦିନେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଢ଼ୁଛି ମୋରମ ଚୋରାଚାଲାଣ

**ରାତି ଅଧିଆ ଚଢ଼ାଉ କଲା ବନ ବିଭାଗ**

**କେନ୍ଦୁଝର,୨୫।୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**
କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ରଘୁନାଥପୁର ବିଟ୍ ନିକଟ ଡିମିରିମୁଣ୍ଡା ଗାଁରେ ମୋରମ ଚୋରିବେଳେ ସୋମବାର ବିଳମ୍ବିତ ରାତିରେ ବନ ବିଭାଗର ଏକ ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ବନ ବିଭାଗର କର୍ମଚାରୀଙ୍କୁ ଦେଖି ଚୋରାଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବନ ବିଭାଗ ଘଟଣାସ୍ଥଳରୁ ୨ଟି ହାଇୱା ଏବଂ ଗୋଟିଏ ଜେସିବିକୁ ଆଣି ନରଣପୁର ସେକ୍ସନ କାର୍ଯ୍ୟାଳୟ ନିକଟରେ ଅଟକ ରଖି ମଙ୍ଗଳବାର ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଜରିମାନା ଆଦାୟ ନ ହୋଇ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯିବା ଫଳରେ ସରକାରଙ୍କ ରାଜସ୍ୱହାନି ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରଘୁନାଥପୁର ବିଟ୍ ନିକଟରେ ଗତ କିଛି ଦିନ ହେବ କେତେଜଣ ଚାଲାଣକାରୀ ସରକାରୀ ଜମିରୁ ବେଆଇନ ଭାବେ ମାଟି ଖୋଳୁଥିଲେ। ଲଘୁ ଖଣିଜ ବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ ଏହି ଚୋରା କାରବାର ଚାଲି ଆସୁଥିଲା। ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ଖାଲଖମା ଯୋଗୁ ଗୃହପାଳିତ ଓ ବନ୍ୟ ପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସ୍ଥାନୀୟ ଲୋକ ଏ ନେଇ ସଦର ରେଞ୍ଜରଙ୍କୁ ସୂଚନା ଦେବାପରେ ବନ ବିଭାଗର ଏକ ଟିମ୍ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ଚୋରାଚାଲାଣକାରୀମାନେ ସରକାରୀ ଜମିରେ ବଡ଼ ବଡ଼ ଖାଲ କରି ମୋରମ ଏବଂ ମାଟି ଚୋରି କରୁଥିବାରୁ ଉକ୍ତ ସ୍ଥାନଟି ବିପଦସଙ୍କୁଳ ହୋଇପଡ଼ିଛି। ଉକ୍ତ ସ୍ଥାନ ଦେଇ ହାତୀ ଏବଂ ଜଙ୍ଗଲ ଜୀବଜନ୍ତୁ ଚଳପ୍ରଚଳ କରୁଥିବାବେଳେ ସେମାନଙ୍କ ପାଇଁ ବିପଦ ଆଶଙ୍କା ରହିଛି। ବର୍ଷା ଦିନରେ ଏସବୁ ପାଣି ଭର୍ତ୍ତିହୋଇ ରହି ଅଧିକ ବିପଦର କାରଣ ହେଉଛି। ଚୋରାଚାଲାଣକାରୀମାନେ ଜଙ୍ଗଲ,ସରକାରୀ ଜମିରୁ ବେଆଇନ ଭାବେ ମୋରମ ଓ ମାଟି ଖୋଳି ନେଉଥିବା ଯୋଗୁ ଏହାର କୁପ୍ରଭାବ ଧିରେ ଧିରେ ସ୍ଥାନୀୟ ଅଞ୍ଚଳରେ ପଡ଼ିବା ସହ ବନ୍ୟପ୍ରାଣୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଚୋରାରେ ମୋରମ ଓ ମାଟି ଖୋଳା ଯୋଗୁ ଜିଲାରେ ପୁରି ରହିଥିବା ଔଷଧୀୟ ବୃକ୍ଷଲତା ଧ୍ୱଂସ ପାଇବାରେ ଲାଗିଛି। ଏହାବ୍ୟତୀତ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ଚାରଣ ଭୂମି ସଙ୍କୁଚିତ ହେଉଛି। ବେଆଇନ ମୋରମ ଚାଲାଣରୁ ଗାଡ଼ି ମାଲିକ ଓ ଠିକାଦାରମାନେ ଲାଭବାନ ହେଉଥିବାବେଳେ ପରିବେଶ ଅସନ୍ତୁଳିତ ଏବଂ ଅସୁରକ୍ଷିତ ହେଉଛି। ଲଘୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ ଏହି ବେଆଇନ କାର୍ଯ୍ୟକୁ ରୋକାଯିବା ପାଇଁ କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଉ ନ ଥିବାରୁ ଚୋରି ଦିନକୁ ଦିନ ବୃଦ୍ଧି ପାଉଛି। ଏନେଇ ସଦର ରେଞ୍ଜ ଅଧିକାରୀ ଅଜିତ କୁମାର ଦାସ କହିଛନ୍ତି ଯେ, ଗାଡ଼ିଗୁଡ଼ିକୁ ଅଟକ ରଖାଯାଇଥିଲା। ନିଜସ୍ୱ ଜମିରୁ ଖୋଳା ଯାଇଥିବାରୁ ଡିଏଫଓଙ୍କ ଅନୁମତି କ୍ରମେ ଛାଡ଼ି ଦିଆଯାଇଛି। ଆଉ ଥରେ ନେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତାଙ୍କଠାରୁ ଲିଖିତ ପତ୍ର ଲେଖି ଛାଡ଼ି ଦିଆଯାଇଛି।

# ସରିଲା ଜୈବ ବିବିଧତା ମେଳା



**କେନ୍ଦୁଝର,୨୫।୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**
କେନ୍ଦୁଝର ସଂସ୍କୃତି ଭବନ ପରିସରରେ ଆୟୋଜିତ ୨ ଦିନିଆ ଜୈବ ବିବିଧତା ମେଳା ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ କୀର୍ତ୍ତି ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜଙ୍ଗଲ ବିଭାଗ ଅଧିକାରୀ ଧନରାଜ ଏଚଡି ଯୋଗଦେଇ ଜଙ୍ଗଲ ସୁରକ୍ଷା ସମସ୍ତଙ୍କର ଏକ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ଏହା ସହ ପ୍ରାଣୀ ସମ୍ପଦର ସୁରକ୍ଷା ଦିଗରେ ଧ୍ୟାନ ଦେବାକୁ ସେ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ପ୍ରମୁଖ ଅଧିକାରୀ ଡ.ସୁକାନ୍ତ କୁମାର ସାହୁ ଜୈବିକ କୃଷି ଓ ପାରମ୍ପରିକ କୃଷି ଭିତରେ ଥିବା ପାର୍ଥକ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଧରଣୀଧର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ପ୍ରିୟଙ୍କା କଅଁର ଏବଂ ଆଶୁତୋଷ ପଧାନ ଯୋଗଦେଇ ଜୈବିକ କୃଷି କ୍ଷେତ୍ରରେ ଛାତ୍ରମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଚାଷୀମାନଙ୍କ ମଧ୍ୟରେ ଜ୍ଞାନର ଅଦଳ ବଦଳ ଓ ବିହନ ଅଦଳ ବଦଳ କରାଯାଇଥିଲା। ବୈଠକରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବିମ୍ବାଧର ବେହେରା, ଡ.ବିପିନ ବିହାରୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ୧୨ଜଣ ଚାଷୀଙ୍କୁ କୀର୍ତ୍ତି ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଦୁସ୍କର ବାରିକ ପରିଚାଳନା କରିଥିଲେ।

